بِسۡمِ اللّٰهِ الرَّحۡمٰنِ الرَّحِیۡمِ

୪ ଜୁଲାଇ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ପବିତ୍ର ମକ୍କା ସହର ଜୟ କରିବା ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ପବିତ୍ର ମକ୍କା ସହର ଜୟ କରିବା ଓ ମୁସଲମାନମାନଙ୍କର ମକ୍କାରେ ପ୍ରବେଶ କରିବାର ଚର୍ଚ୍ଚା ଗତ ଖୁତ୍‌ବାରେ ହୋଇଥିଲା । ତାହାର ଅତିରିକ୍ତ ବ୍ୟାଖ୍ୟା ଏହିପରି ବର୍ଣ୍ଣିତ ରହିଛି ଯେ, ଇବ୍‌ନେ ଇସହାକ୍ ଉଲ୍ଲେଖ କରନ୍ତି; ଅବୁ ସୁଫିୟାନ୍ ପରାକ୍ରମୀ ଅଲ୍ଲାଃଙ୍କ ସେନାବାହିନୀକୁ ସ୍ୱଚକ୍ଷୁରେ ଅବଲୋକନ କରି ପ୍ରତ୍ୟାବର୍ତ୍ତନ କଲା । ତା'ପରେ ହୁଜୁର ସ.ଅ ନିଜ ସବୁଜ ବସ୍ତ୍ର ପରିହିତ ସୈନ୍ୟ ଦଳ ସହିତ ଆଗମନ କଲେ । ଇବ୍‌ନେ ଇସହାକ୍ ଉଲ୍ଲେଖ କରିଛନ୍ତି ଯେ, ମହାଭାଗ ନିଜ ଓଟ କସ୍‌ଓ୍ୱା ଉପରେ, ହଜରତ ଅବୁବକର୍ ର.ଅ ଓ ହଜରତ ଉସୈଦ୍ ବିନ୍ ହଜିର୍ ର.ଅଙ୍କ ମଝିରେ ବସି ଆରୋହଣ କରିଥିଲେ ଏବଂ ମହାଭାଗ ସେତେବେଳେ ସୁରଃ ଫତାଃ ପାଠ କରୁଥିଲେ । ହୁଜୁର ସ.ଅ ମକ୍କାରେ ପ୍ରବେଶ କରିବା ମାତ୍ରେ ଲୋକେ ଆପଣ ସ.ଅଙ୍କ ସାକ୍ଷାତ ପାଇଁ ମାଡ଼ି ଆସିଲେ । ବିନମ୍ର ସ୍ୱଭାବ ହେତୁ ପୁଣ୍ୟଶ୍ଳୋକଙ୍କ ପବିତ୍ର ମସ୍ତକ ନିଜ ଓଟର ପାଲିକିକୁ ସ୍ପର୍ଶ କରୁଥିଲା । ହୁଜୁର ସ.ଅ ସେଦିନ କଳା ରଙ୍ଗର ପଗଡି ବାନ୍ଧି ଥିଲେ, ଆଉ ଆପଣ ସ.ଅଙ୍କ ଧ୍ୱଜାର ରଙ୍ଗ ମଧ୍ୟ କଳା ଥିଲା । ସେତେବେଳେ ହୁଜୁର ସ.ଅ ଏହି ଉକ୍ତି ଆବୃତ୍ତି କରୁଥିଲେ, ଅଲ୍ଲାହୁମ୍ମା ଇନ୍ନଲ୍ ଐଶା ଐଶୁଲ୍ ଆଖିରାଃ ଅର୍ଥାତ୍ ହେ ଅଲ୍ଲାଃ ! ସୁନିଶ୍ଚିତ ରୂପେ ପ୍ରକୃତ ଜୀବନ ତ ପରକାଳର ଜୀବନ ଅଟେ । ନ୍ୟାୟ ଆଚରଣର ଆଉ ଗୋଟିଏ ଦିଗ ଏହା ଥିଲା ଯେ, ହୁଜୁର ସ.ଅ ନିଜ ପଛରେ ନିଜ ଦ୍ୱାରା ସ୍ୱାଧୀନ କରଯାଇଥିବା କ୍ରୀତଦାସ ହଜରତ ଜୈଦ୍ ବିନ୍ ହାର୍‌ସା ର.ଅଙ୍କ ପୁତ୍ର ଉସାମାଃ ବିନ୍ ଜୈଦ୍ ର.ଅଙ୍କୁ ବସାଇ ଥିଲେ । ହୁଜୁର ସ.ଅ ରମଜାନ ମାସ ୨୦ ତାରିଖ ଦିନ ମକ୍କାରେ ପ୍ରବେଶ କରିଥିଲେ ସେତେବେଳେ ସୂର୍ଯ୍ୟ କିଛି ଉପରକୁ ଉଠି ଯାଇଥିଲା ଅର୍ଥାତ୍ ପ୍ରଭାତ ହୋଇଯାଇଥିଲା ।

ହଜରତ ମସିହ ମଉଦ ଅ.ସ କୁହନ୍ତି; ଏହି ଆଶିଷ ଯାହାକି ଅଲ୍ଲାଃତାଲାଙ୍କ ବିଶେଷ ଭକ୍ତମାନଙ୍କୁ ପ୍ରଦାନ କରାଯାଇଥାଏ ତାହା ସେମାନଙ୍କୁ (ନିଜ) ବିନମ୍ରତା ଯୋଗୁଁ ପ୍ରଦାନ କରାଯାଇଥାଏ । କିନ୍ତୁ ଶୈତାନ ଠାରେ ତ ଗର୍ବ ଓ ଅହଂକାର ମିଶ୍ରିତ ଥାଏ । ଦେଖ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅ ଯେତେବେଳେ ମକ୍କା ଜୟ କଲେ ସେତେବେଳେ ଆପଣ ସେହିପରି ନିଜ ମସ୍ତକ ଆନତ କଲେ ଓ ସଜ୍‌ଦାଃ କଲେ ଯେପରି ଆପଣ ବିପଦ ଓ କଠିନ ପରିସ୍ଥିତିରେ ପ୍ରଭୁଙ୍କ ଶରଣେ ନତମସ୍ତକ ହେଉଥିଲେ । ସେତେବେଳେ ହୁଜୁର ସ.ଅଙ୍କ ମନରେ ଏହି ଭାବନା ଉଦ୍ରେକ ହେଉଥିଲା ଯେ, ମୁଁ କେଉଁ ଅବସ୍ଥାରେ ଏଠାରୁ ପ୍ରବାସ କରିଥିଲି ଏବଂ ଏବେ କେଉଁ ଅବସ୍ଥାରେ ମୁଁ ନିଜ ଜନ୍ମଭୂମିକୁ ଫେରିଛି । ତେଣୁ ହୁଜୁର ସ.ଅଙ୍କ ହୃଦୟ କୃତଜ୍ଞତାରେ ଭରି ଯାଇଥିଲା ଓ ମହାଭାଗ ନିଜ ସୃଷ୍ଟିକର୍ତ୍ତାଙ୍କ ଛାମୁରେ ସଜ୍‌ଦାଃ କରିଥିଲେ ।

ହଜରତ ମୁସଲେହ୍ ମଉଦ ର.ଅ କୁହନ୍ତି; ଯେତେବେଳେ ନବୀଶ୍ରେଷ୍ଠ ସ.ଅ ମକ୍କାରେ ପ୍ରବେଶ କଲେ ସେତେବେଳେ ଲୋକମାନେ ମହାଭାଗ ସ.ଅଙ୍କୁ ପଚାରିଲେ, ହୁଜୁର ଆପଣ କେଉଁସ୍ଥଳେ ଅବସ୍ଥାନ କରିବେ? ମହାଭାଗ

ଉତ୍ତର ଦେଲେ କ'ଣ ଅକିଲ୍ (ହୁଜୁର ସ.ଅଙ୍କ ଚଚାପୁଅ) ଆମ ପାଇଁ କୌଣସି ଗୃହ ବାକି ଛାଡ଼ିଛି ? ଅର୍ଥାତ୍ ଆମ ପରିଜନମାନେ ମୋର ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛନ୍ତି । ପୁନଶ୍ଚ କହିଲେ; ଆମେ ଖୈଫ୍ ବନି କନାନାଃ ଠାରେ ଅବସ୍ଥାନ କରିବୁ, ତାହା ମକ୍କାର ଏକ ପଡିଆ ଥିଲା । ଯେଉଁସ୍ଥଳେ କୁରୈଶ୍ ଓ ବନି କନାନାଃ ମିଳିତ ଭାବରେ ଶପଥ କରିଥିଲେ ଯେ, ଯେପର୍ଯ୍ୟନ୍ତ ବନୁ ହାଶିମ୍ ଓ ବନୁ ଅବ୍ଦୁଲ୍ ମୁତଲିବ୍ ମୁହମ୍ମଦ ସ.ଅଙ୍କୁ ଧରି ଆମକୁ ଅର୍ପଣ କରି ଦେଇ ନାହାନ୍ତି ଏବଂ ତାଙ୍କର ସଙ୍ଗତ ଛାଡ଼ି ନାହାନ୍ତି ସେପର୍ଯ୍ୟନ୍ତ ଆମେ ସେମାନଙ୍କ ସହିତ ନା କୌଣସି ବନ୍ଧୁଘର କରିବୁ, ଆଉ ନା ବ୍ୟବସାୟ କରିବୁ । ହୁଜୁରସ.ଅ ନିଜ ଶିବିରରେ ଅବସ୍ଥାନ କରିଥିଲେ ଯେ, ସେ ନିଜ ଓଟ କସ୍‌ୱାକୁ ଅଣିବାକୁ ଆଦେଶ ଦେଲେ ଏବଂ ନିଜ ଯୁଦ୍ଧ ବସ୍ତ୍ର ପରିଧାନ କରି ଓ ଅସ୍ତ୍ର ଧରି ଓଟ ଉପରେ ଆରୋହଣ କଲେ । ସେତେବେଳେ ହୁଜୁର ସ.ଅଙ୍କ ସାଥିରେ ହଜରତ ଅବୁବକର୍ର.ଅ ଥିଲେ ଓ ଆପଣ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ ।

ହୁଜୁରସ.ଅ ଯେତେବେଳେ ମକ୍କାରେ ପ୍ରବେଶ କଲେ ସେତେବେଳେ ଖାନାକାବାରେ ୩୬୦ଗୋଟି ମୂର୍ତ୍ତି ପୂଜା ପାଉଥିଲେ । ଆଉ ହୁବୁଲ୍ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ମୂର୍ତ୍ତି ଥିଲା । ସେହିକ୍ଷଣି ହୁଜୁର ସ.ଅଙ୍କ ହସ୍ତରେ ଏକ ଧନୁ ରହିଥିଲା ଏବଂ ଆପଣ ଯେତେବେଳେ କୌଣସି ମୂର୍ତ୍ତି ନିକଟରୁ ଅତିକ୍ରମ କରୁଥିଲେ ସେତେବେଳେ ତାହାର ଚକ୍ଷୁକୁ ନିଜ ଧନୁ ମାରି କହୁଥିଲେ, ଜାଅଲ୍ ହକ୍‌କୁ ଓଯାହକଲ୍ ବାତିଲ୍ ଇନ୍ନଲ୍ ବାତିଲା କାନା ଯହୁକା ଅର୍ଥାତ୍ ସତ୍ୟ ଆସିଗଲା ଓ ଅସତ୍ ପଳାୟନ କଲା ଏବଂ ନିଶ୍ଚିତ ରୂପେ ଅସତ୍ କଦାପି ତିଷ୍ଠି ରହି ନଥାଏ ।

ହୁଜୁରସ.ଅ ଖାନାକାବା ନିକଟରେ ପହଞ୍ଚି ତାହା ଉପରେ ଦୃଷ୍ଟି ନିକ୍ଷେପ କଲେ । ତା'ପରେ ନିଜ ବାହାନ ସହିତ ଆଗକୁ ଅଗ୍ରସର ହୋଇ ନିଜ ଲାଠି ସହିତ ହଜରେ ଅସୱ୍‌ଦ୍‌କୁ ସ୍ପର୍ଶ କରି ଅଲ୍ଲାହୁ ଅକବର୍ କହିଲେ । ଏଥିରେ ମୁସଲମାନମାନେ ମଧ୍ୟ ନାରା-ଏ-ତକବିର୍‌ର ଶ୍ଳୋଗାନ ଦେଲେ । ଯଦ୍ଦ୍ୱାରା ମକ୍କାର ଚତୁର୍ପାର୍ଶ୍ୱ ଅଲ୍ଲାହୁ ଅକବର୍ ଶ୍ଳୋଗାନରେ ଗୁଞ୍ଜରିତ ହୋଇ ଉଠିଲା । ଶେଷରେ ହୁଜୁରସ.ଅ ସାହାବାଙ୍କୁ ରୋକି ଦେଲେ, ଏସମସ୍ତ ଦୃଶ୍ୟ ଅମାନ୍ୟକାରୀ ମକ୍କାବାସୀ ପର୍ବତ ଉପରୁ ଅବଲୋକନ କରୁଥିଲେ । ତା'ପରେ ହୁଜୁରସ.ଅ ବୈତୁଲ୍ଲାଃର ପରିକ୍ରମଣ କଲେ ସେତେବେଳେ ହଜରତ ମୁହମ୍ମଦ ବିନ୍ ମୁସୈଲେମାଃ ହୁଜୁର ସ.ଅଙ୍କ ଓଟର ଲଗାମ ଧରିଥିଲେ । ମହାଭାଗ ନିଜ ବାହାନ ଉପରୁ ତଳକୁ ଓହ୍ଲାଇଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ମହାଭାଗ ହଜରତ ଉମର୍ ର.ଅଙ୍କୁ ଆଦେଶ ଦେଲେ ଯେ, ସେ ଖାନାକାବାରେ ପ୍ରବେଶ କରି ସେଠାରୁ ସମସ୍ତ ମୂର୍ତ୍ତିଗୁଡ଼ିକୁ ପରିଷ୍କାର କରିଦିଅନ୍ତୁ । ଯେପର୍ଯ୍ୟନ୍ତ ଖାନାକାବାରୁ ସମସ୍ତ ମୂର୍ତ୍ତି ହଟାଇ ଦିଆଯାଇ ନଥିଲା ସେପର୍ଯ୍ୟନ୍ତ ହୁଜୁର ସେଠାରେ ପଦାର୍ପଣ କରି ନଥିଲେ । ହୁଜୁରସ.ଅ ମୁକାମେ ଇବ୍ରାହିମ୍ ସ୍ଥାନକୁ ଗଲେ ଏବଂ ସେଠାରେ ଦୁଇ ରେକାତ୍ ନମାଜ ପାଠ କଲେ, ସେଠାରୁ ହୁଜୁରସ.ଅ ଜମ୍‌ଜମ୍ ସ୍ଥଳକୁ ଚାଲିଗଲେ ଏବଂ ହଜରତ ଅବ୍‌ବାସ ବିନ୍ ଅବ୍ଦୁଲ୍ ମୁତଲିବ୍ ଅଥବା ହଜରତ ଅବୁ ସୁଫିୟାନ ବିନ୍ ହାରିସ୍ ବିନ୍ ଅବ୍ଦୁଲ୍ ମୁତଲିବ୍ ମହାଭାଗ ସ.ଅଙ୍କ ସକାଶେ ଏକ ପାତ୍ରରେ ଜଳ ବାହାର କଲେ । ମହାଭାଗ ତାହାକୁ ପାନ କଲେ ଏବଂ ୱୁଜୁ ମଧ୍ୟ କଲେ । ସାହାବା ପବିତ୍ର ଅବତାରଙ୍କ ସେହି ୱୁଜୁ ଜଳକୁ ନିଜ ପାପୁଲିରେ ସଂଗ୍ରହ କରି ନିଜ ଚେହେରାକୁ ପରିଷ୍କାର କରିବାକୁ ଲାଗିଲେ । ଅମାନ୍ୟକାରୀମାନେ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ କହିଲେ; **ଆମେ ଏତେ ବଡ଼ ସମ୍ରାଟ ସଂକ୍ରାନ୍ତରେ ନା ଆଗରୁ କେବେ ଶୁଣିଥିଲୁ, ଆଉ ନା ଦେଖିଥିଲୁ ।**

ଯେତେବେଳେ ହୁବୁଲ୍ ପ୍ରତିମାକୁ ଭାଙ୍ଗି ଚୁରମାର କରିଦିଆଗଲା ସେତେବେଳେ ହଜରତ ଜୈଦ୍ ବିନ୍ ଅୱାମ୍ ଅବୁ ସୁଫିୟାନକୁ କହିଲେ; ଦେଖ ତୁମର ସବୁଠାରୁ ବଡ ପ୍ରତିମା ଟଳି ପଡିଛି, ତୁମେ ୱହଦ୍ ଯୁଦ୍ଧ ଦିନ ଏହି ହୁବୁଲ୍ ପ୍ରତିମାର ବେଶ ଗର୍ବର ସହିତ ନାମ ଉର୍ଦ୍ଧ୍ୱଗାମୀ କରୁଥିଲ । ଅବୁ ସୁଫିୟାନ ଉତ୍ତର ଦେଲା ହେ ଇବ୍‌ନେ ଅୱାମ୍! ଏବେ ସେସବୁ କଥାକୁ ଛାଡ଼ିଦିଅ । **କାରଣ ମୁଁ ଜାଣି ନେଇଛି ଯେ, ଯଦି ମୁହମ୍ମଦ ସ.ଅଙ୍କ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ଥାନ୍ତା ତେବେ ତାହା ହୋଇ ନଥାନ୍ତା ଯାହା ଆଜି ଘଟିଲା ।**

ତା'ପରେ ହୁଜୁରସ.ଅ ଖାନାକାବାର ଏକ କୋଣରେ ବସି ପଡିଲେ ଏବଂ ପୁଣ୍ୟଶ୍ଳୋକଙ୍କ ଚତୁର୍ପାର୍ଶ୍ୱରେ ଲୋକମାନେ ଘେରି ରହିଥିଲେ । ଇତ୍ୟାବସରରେ ହଜରତ ଅବୁବକର୍ର.ଅ ନିଜ ଖଣ୍ଡା ଧରି ମହାଭାଗ ସ.ଅଙ୍କ ପାଖରେ

ଦଣ୍ଡାୟମାନ ରହିଥିଲେ । ହୁଜୁର[ସ.ଅ] ଉସମାନ୍ ବିନ୍ ତଲ୍‌ହା [ର.ଅ]ଙ୍କୁ ଡ଼ାକିଲେ ଏବଂ କହିଲେ; ମୋତେ ଖାନାକାବାର ଚାବି ଆଣିଦିଅ । ଅତଏବ ସେ ନିଜ ମାତାଙ୍କ ନିକଟକୁ ଗଲେ କିନ୍ତୁ ସେ ତାଙ୍କୁ ଚାବି ଦେବାକୁ ମନା କରିଦେଲେ । ଏଥିରେ ହଜରତ ଉସମାନ୍ ବିନ୍ ତଲ୍‌ହା ତାଙ୍କୁ କହିଲେ; ଯଦି ତୁମେ ମୋତେ ଚାବି ନଦିଅ ତେବେ ଏହି ଖଣ୍ଡା ମୋ ଉଦରରେ ପ୍ରବିଷ୍ଟ ହୋଇଯିବ । ସୁତରାଂ ତାଙ୍କ ମାତା (ଭୟରେ) ଚାବି ତାଙ୍କୁ ହସ୍ତାନ୍ତର କରିଦେଲେ, ସେ ଚାବି ନେଇ ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ କିନ୍ତୁ ହୁଜୁର[ସ.ଅ] ତାଙ୍କୁ ଚାବି ଫେରସ୍ତ କରିଦେଲେ ଏବଂ ସେ ହିଁ କାବାର ଦ୍ୱାର ଖୋଲିଲେ । ହୁଜୁର[ସ.ଅ] ଉସାମା ବିନ୍ ଜୈଦ୍ ଓ ବିଲାଲ୍ ବିନ୍ ରବାହା [ର.ଅ]ଙ୍କୁ ସାଥିରେ ନେଇ ଖାନାକାବାରେ ପ୍ରବେଶ କଲେ ସେତେବେଳେ ଉସମାନ୍ ବିନ୍ ତଲ୍‌ହା ମଧ୍ୟ ସେମାନଙ୍କ ସହିତ ଥିଲେ । ହୁଜୁର[ସ.ଅ] କାବାର ଦ୍ୱାର ବନ୍ଦ କରିଦେଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଭିତରେ ରହିଲେ, ଆଉ ସେଠାରେ ଦୁଇ ରେକାତ୍ ନମାଜ ପାଠ କଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏକଥା ଭଲ ଭାବରେ ସ୍ମରଣ ରଖ ଯେ, ଯେପରି ବୈତୁଲ୍ଲାଃରେ ହଜ୍‌ରେ ଅସୱ୍ୱଦ୍ ପଡି ରହିଛି ଠିକ୍ ସେହିପରି ହୃଦୟ ଛାତି ଭିତରେ ରହିଛି । ବୈତୁଲ୍ଲାଃ ଉପରେ ମଧ୍ୟ ଏକ ସମୟ ଏପରି ଆସିଥିଲା ଯେତେବେଳେ ଅମାନ୍ୟକାରୀମାନେ ସେଠାରେ ପ୍ରତିମୂର୍ତ୍ତି ସ୍ଥାପିତ କରିଦେଇଥିଲେ । ଆଉ ସମ୍ଭବ ଥିଲା ଯେ, ବୈତୁଲ୍ଲାଃ ଉପରେ ଏହି ସମୟ ଆସି ନଥାନ୍ତା, କିନ୍ତୁ ନୁହଁ! ଅଲ୍ଲାଃତାଲା ତାହାକୁ ଏକ ଦୃଷ୍ଟାନ୍ତ ସ୍ୱରୂପ ଗଢ଼ିଥିଲେ । ମନୁଷ୍ୟ ହୃଦୟ ମଧ୍ୟ ଏକ ହଜ୍‌ରେ ଅସୱ୍ୱଦ୍ ସଦୃଶ ଏବଂ ତାହାର ବକ୍ଷ ମଧ୍ୟ ବୈତୁଲ୍ଲାଃ ପରି ସାଦୃଶ୍ୟତା ରକ୍ଷା କରୁଅଛି । ଅଲ୍ଲାଃଙ୍କ ବ୍ୟତୀତ, ଅନ୍ୟ ଚିନ୍ତା ଓ ଭାବନା ସେହି ପ୍ରତିମା ସଦୃଶ୍ୟ ଯାହାକି ଖାନାକାବାରେ ସ୍ଥାପନ କରାଯାଇଥିଲା । ପବିତ୍ର ପୀଠସ୍ଥଳୀରେ ଥିବା ପ୍ରତିମାଗୁଡ଼ିକୁ ସେତେବେଳେ ନଷ୍ଟଭ୍ରଷ୍ଟ କରଯାଇଥିଲା ଯେତେବେଳେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] ଦଶ ହଜାର ନିଷ୍ପାପର ଅନୁଚରମାନଙ୍କ ସହିତ ସେଠାରେ ପହଞ୍ଚି ତାହାକୁ ଜୟ କରିନେଲେ । ସେହି ଦଶ ହଜାର ଅନୁଗାମୀମାନଙ୍କୁ ପୂର୍ବ ଧର୍ମଗ୍ରନ୍ଥମାନଙ୍କରେ ମଲାଇକା (ଅର୍ଥାତ୍ ଦେବଦୂତ) ଦର୍ଶାଯାଇଛି ଏବଂ ବାସ୍ତବରେ ସେମାନଙ୍କ ବୈଶିଷ୍ଟ୍ୟ ମଧ୍ୟ ଦେବଦୂତଙ୍କ ପରି ଥିଲା । ମାନବିୟ ସାମର୍ଥ୍ୟ ମଧ୍ୟ ଏକ ପ୍ରକାର ଦେବଦୂତଙ୍କ ସ୍ତରର କାରଣ ଯେପରି ଦେବଦୂତଙ୍କର ବୈଶିଷ୍ଟ୍ୟ ରହିଛି ଯେ, ୟଫ୍‌ଅଲୁନା ମା ୟୁମରୁନ୍ ଏହିପରି ମାନବିୟ ସାମର୍ଥ୍ୟର ଏହି ବିଶେଷତା ରହିଛି ଯେ, ଯେଉଁ ଆଦେଶ ସେମାନଙ୍କୁ ଦିଆଯାଇଥାଏ ସେମାନେ ତାହାର ପାଳନ କରିଥାନ୍ତି ।

ମକ୍କା ବିଜୟ ସମୟରେ ହୁଜୁର[ସ.ଅ] କୁରୈଶମାନଙ୍କୁ ସମ୍ବୋଧନ କରି କହିଲେ; ହେ କୁରୈଶ୍! ତୁମେମାନେ କ'ଣ ଚିନ୍ତା କରୁଅଛ ଯେ, ମୁଁ ତୁମ ସହିତ କି ଆଚରଣ କରିବି ? ସେମାନେ ଉତ୍ତର ଦେଲେ ଆପଣ ଯାହା ନିଷ୍ପତ୍ତି ନେବେ ତାହା ଆମ ପାଇଁ ମଙ୍ଗଳମୟ ସାବ୍ୟସ୍ତ ହେବ । ଆପଣ ହେଉଛନ୍ତି ସମ୍ମାନନୀୟ ଭାଇ ଓ ସମ୍ମାନନୀୟ ଭାଇଙ୍କର ଯୋଗ୍ୟ ପୁତ୍ର । ଏଥିରେ ମହାଭାଗ କହିଲେ; ଯାଅ, ଆଜି ତୁମେ ସମସ୍ତେ ସ୍ୱାଧୀନ । ଲୋକମାନେ ଏହି କ୍ଷମା ଦେବାର ଘୋଷଣା ଶୁଣି ଏପରି ବାହାରି ପଡିଲେ ଯେପରି ସେହିକ୍ଷଣି ହିଁ ସେମାନେ କବରରୁ ବାହାରିଛନ୍ତି ଏବଂ ସେମାନେ ଇସଲାମ ଧର୍ମର ଦୀକ୍ଷା ନେବା ଆରମ୍ଭ କରିଦେଲେ ।

ହଜରତ ମସିହ ମଉଦ[ଅ.ସ] କହନ୍ତି; ...ଯେତେବେଳେ ସମସ୍ତ ଅମାନ୍ୟକାରୀମାନଙ୍କୁ ବନ୍ଦି କରି ହୁଜୁର [ସ.ଅ]ଙ୍କ ସେବାରେ ଉପସ୍ଥିତ କରାଗଲା ସେତେବେଳେ ସେମାନେ ସ୍ୱୟଂ ଏହା ସ୍ୱୀକାର କଲେ ଯେ, ଆମେମାନେ ନିଜ ଘୋର ଅପରାଧ ତଥା କଠୋରତା ଯୋଗୁଁ ମୃତ୍ୟୁ ଦଣ୍ଡର ଅଧିକାରୀ ଏବଂ ନିଜକୁ ଆପଣଙ୍କ ଅପାର ଦୟାର ଛତ୍ରଛାୟା ତଳେ ସମର୍ପଣ କରୁଅଛୁ । ଅତଃ ହୁଜୁର[ସ.ଅ] ସେ ସମସ୍ତଙ୍କୁ କ୍ଷମା କରିଦେଲେ । ହୁଜୁର[ଅ.ସ] ଆଉ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି, ଯଦି ସେମାନଙ୍କ ପାଇଁ ଦଣ୍ଡ ବିଧାନ କରଯାଇଥାନ୍ତା ତେବେ ତାହା ସମ୍ପୂର୍ଣ୍ଣ ରୂପେ ନ୍ୟାୟ ସଙ୍ଗତ ଥିଲା କିନ୍ତୁ ସେତେବେଳେ ପୁଣ୍ୟଶ୍ଲୋକ ନିଜ ଅଶେଷ ଦୟା ଓ କରୁଣାର ନମୁନା ପ୍ରଦର୍ଶନ କଲେ । ଏହା ସେହି ବିଷୟ

ଥିଲା ଯେ, ଯାହାକି ବିନା ଚମତ୍କାରରେ ସାହାବାମାନଙ୍କୁ ପ୍ରଭାବିତ କରିଥିଲା ଏପରି ମହାଭାଗ ନିଜ ନାମ ମୁହମ୍ମଦକୁ ଚରିତ୍ରାର୍ଥ କରିଥିଲେ । ପୁଣ୍ୟଶ୍ଳୋକ[ସ.ଅ] କୁହନ୍ତି; ଯେପର୍ଯ୍ୟନ୍ତ ମନୁଷ୍ୟ ଏପରି ଆଚରଣ ନିଜ ଅଭ୍ୟନ୍ତରରେ ଉତ୍ପନ୍ନ କରି ନାହିଁ, ସେପର୍ଯ୍ୟନ୍ତ କୌଣସି ସୁଫଳ ମିଳିବ ନାହିଁ । ଦେଖ ମନୁଷ୍ୟ ନିଜ ଅନ୍ତରରେ ନିଜ ପାଳନକର୍ତ୍ତା ପ୍ରତି ପୂର୍ଣ୍ଣ ଅନୁରାଗ ଓ ପ୍ରେମ ଉତ୍ପନ୍ନ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଓ ସୁନ୍ଦର ଆଦର୍ଶର ଅନୁସରଣ ଓ ଅନୁପାଳନ କରି ନାହିଁ । ଅଲ୍ଲାହୁମ୍ମା ସଲ୍ଲି ଅଲା ମୁହମ୍ମଦିନ୍ ଓ୍ୱ ଆଲା ଆଲି ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍ ଇନ୍ନକା ହମିଦୁମ୍ ମଜିଦ୍ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ସୈୟଦାଃ ଲୁବ୍‌ନା ଅହେମଦ ସାହେବା ପତ୍ନୀ ଶ୍ରୀମାନ ସୈୟଦ ମୌଲୁଦ୍ ଅହେମଦ ସାହେବଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ମୃତକ ଶ୍ରୀମତୀ ଅମତୁଲ୍ ହକିମ୍ ସାହେବାଃ ଓ ସୈୟଦ ଦାଉଦ ମୁଜଫର୍ ଶାହ୍ ସାହେବଙ୍କର କୂଳବଧୂ ଥିଲେ । ଅଧିକନ୍ତୁ କହିଲେ; ତାଙ୍କର ନିକାଃ ତୃତୀୟ ଖଲିଫା ପାଠ କରିଥିଲେ ଏବଂ ସେହି ଅବସରରେ ହୁଜୁର[ର.ଅ] ଉପଦେଶ ପୂର୍ବକ କହିଥିଲେ, ବୈବାହିକ ସମ୍ପର୍କ ଏକ ବୃକ୍ଷରେ ନୂତନ ଯୋଡ଼େଇ ପରି ହୋଇଥାଏ । ଯାହାକୁ ବେଶ୍ ଯତ୍ନ ସହକାରେ ରଖିବାକୁ ପଡିଥାଏ, ପବିତ୍ର କୁରଆନର ନିର୍ଦ୍ଦେଶାନୁଯାୟୀ ତାହାକୁ ସତ୍ୟ ବଚନର ଡ଼ୋରୀରେ ବାନ୍ଧିବାକୁ ପଡେ ତେବେଯାଇ ତାହା ସୁରକ୍ଷିତ ରହିଥାଏ । ଏହି ଦାୟିତ୍ୱ କେବଳ ପତିପତ୍ନୀ ଉପରେ ପଡି ନଥାଏ ବରଂ ସେମାନଙ୍କ ପରିବାରବର୍ଗ, ସେମାନଙ୍କ ପରିବେଶ ଉପରେ ଏବଂ ସେମାନଙ୍କ ବନ୍ଧୁ ପରିଜନଙ୍କ ଉପରେ ମଧ୍ୟ ପଡିଥାଏ । କାରଣ ସମ୍ପର୍କରେ ଅନେକ ତ୍ରୁଟି ଭ୍ରମ ଧାରଣାର ପରିଣାମ ଯୋଗୁଁ, ଚୁଗୁଲି କରିବା ଯୋଗୁଁ, ଧୈର୍ଯ୍ୟ ରକ୍ଷା ନକରିବା ଅଥବା କ୍ରୋଧିତ ହେବା ଯୋଗୁଁ ଉତ୍ପନ୍ନ ହୋଇଥାଏ । ସେଗୁଡ଼ିକୁ ରୋକିବା ପାଇଁ ସତ୍ୟ ବଚନ ଏକ ସଶକ୍ତ ଓ ସୁଦୃଢ଼ ଡ଼ୋରୀ ସଦୃଶ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ମୁଁ କହିପାରିବି କାରଣ ତାଙ୍କ ସହିତ ଆମର ସମ୍ପର୍କ ମଧ୍ୟ ଥିଲା ଯେ, ତୃତୀୟ ଖଲିଫାଙ୍କର ଏହି ମହତ୍ୱ ପୂର୍ଣ୍ଣ ଶବ୍ଦଗୁଡ଼ିକୁ ଲୁବ୍‌ନା ସାହେବା ନିଜ ସମ୍ପର୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ବେଶ ଯତ୍ନବାନ ଥିଲେ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେ ମୋ ଧର୍ମପତ୍ନୀଙ୍କର ଭାଉଜ ମଧ୍ୟ ଥିଲେ । ଏହିପରି ହୁଜୁର[ଅ.ବ] ଶ୍ରୀମତୀ ନାଜ୍‌ମୋନ ବିବି ଜୁବୈର୍ ସାହେବା ପତ୍ନୀ ଶ୍ରୀମାନ ମୁହମ୍ମଦ ଶଫୀ ଜୁବୈର୍ ସାହେବ ଜର୍ମାନୀ ନିବାସୀଙ୍କର ମଧ୍ୟ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ତଥା ଉଭୟ ମୃତକଙ୍କ ପାଇଁ କ୍ଷମା ପ୍ରାର୍ଥନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
4th July 2025
*Translated to Odia by :* Moulavi Anwar Ahmad Khan